# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 September - 2024

### News Editor : Itishree Singh Rathaur

*************************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ବିଚାରାଧୀନ ରହିଛି; ବିଧାନସଭାରେ କହିଲେ ମୁଖ୍ୟମନ୍ତ୍ରୀ
- ଗୃହରେ ସୁଭଦ୍ରା ଯୋଜନା ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା

— ଏହି ଯୋଜନା ନେଇ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ପ୍ରକାଶ ପାଉଛି ଆଗ୍ରହ; ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ

- 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ଏପର୍ଯ୍ୟନ୍ତ ଦେଶବ୍ୟାପୀ ଏପର୍ଯ୍ୟନ୍ତ ହୋଇଛି ୫୨ କୋଟି ଚାରାରୋପଣ

ଏବଂ

- ରାଜ୍ୟରେ ବାର୍ଡ-ଫ୍ଲୁ ନିୟନ୍ତ୍ରଣ ଓ ନିରାକରଣ ଲକ୍ଷ୍ୟରେ ସ୍ଥିତି ଯାଞ୍ଚ ପାଇଁ ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ରୀୟ ଦଳ

## ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ସରକାରଙ୍କ ସକ୍ରିୟ ବିଚାରାଧୀନ ରହିଛି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଧାନସଭାରେ ଆଜି ଏହି ପ୍ରସଙ୍ଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଏବଂ ସମାଜର ତୃଣମୂଳସ୍ତରରେ ନ୍ୟାୟର ସୁଫଳ ପହଞ୍ଚାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ତେବେ ଗତକାଲି ଏ ସଂକ୍ରାନ୍ତରେ  ଗୃହରେ ଦିଆଯାଇଥିବା ଉତ୍ତର ସୁପ୍ରିମକୋର୍ଟଙ୍କ ଟିପ୍‌ପଣୀ ଆଧାରରେ ଉପସ୍ଥାପନ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାକୁ ନେଇ କାହା ମନରେ ଦ୍ୱନ୍ଦ୍ୱ ନାହିଁ। ଏହି ଯୋଜନାରେ ସାମିଲ ହେବା ପାଇଁ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଉଛି ବୋଲି ମହିଳା ଓ ଶିଶୁ ବିକାଶ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ବିଧାନସଭାରେ ଆଜି ଏ ସଂକ୍ରାନ୍ତ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତରରେ ସେ କହିଛନ୍ତି, ଏହି ଯୋଜନାର ଦୁରୁପଯୋଗ ହେବାର ପ୍ରଶ୍ନ ଉଠୁନାହିଁ। ଯୋଗ୍ୟ ବିବେଚିତ ପରିବାରର ସମସ୍ତ ମହିଳାଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

## ଲାଗୁ ହେବ ପେସା ଆଇନ

ରାଜ୍ୟରେ ପେସା ଆଇନ୍ ଲାଗୁ କରିବାକୁ ସରକାର ପଦକ୍ଷେପ ନେଇଛନ୍ତି। ବିଧାନସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ପଞ୍ଚାରୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି, ପେସା ଆଇନ୍ ବଳରେ ସରପଞ୍ଚ ଅଧିକ କ୍ଷମତା ପ୍ରାପ୍ତ ହେବେ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚମାନଙ୍କୁ ୨୨ଟି କ୍ଷମତା ଦିଆଯାଇଛି। କୌଣସି କ୍ଷମତା ସେମାନଙ୍କ ନିକଟରୁ କାଢି ନିଆ ଯାଇନାହିଁ ବୋଲି ମନ୍ତ୍ରୀ ଶ୍ରୀ ନାୟକ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ଗ୍ରାମସଭା ଏବଂ ପଲ୍ଲୀସଭାକୁ ନ୍ୟାର୍ଯ୍ୟ ମାନ୍ୟତା ପ୍ରଦାନ କରାଯାଇନାହିଁ। ତେବେ ଆଗାମୀ ଦିନରେ ପ୍ରତ୍ୟେକ ପ୍ରକଳ୍ପ ଗ୍ରାମସଭାର ଅନୁମୋଦନ ଦ୍ୱାରା ହିଁ କାର୍ଯ୍ୟକାରୀ କରାଯିବ। ଦାଦନ ଶ୍ରମିକ ସମସ୍ୟାକୁ ରୋକିବା ଲାଗି ସରକାର ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ କରୁଛନ୍ତି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ କେନ୍ଦ୍ର ଗ୍ରାମୀଣ ଉନ୍ନୟନ ମନ୍ତ୍ରଣାଳୟର ଅନୁମୋଦନ ପରେ ଗୃହ ବଣ୍ଟନ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ବିଧାନସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ମନ୍ତ୍ରଣାଳୟର ଅନୁମୋଦନ ପରେ ମାର୍ଗଦର୍ଶିକା ଆଧାରରେ ଯୋଗ୍ୟ ପରିବାରଙ୍କୁ ଆବାସ ବଣ୍ଟନ କରାଯିବ। ଏବେ ୧ ଲକ୍ଷ ୨୬ ହଜାର ୫୪୨ ଜଣ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ଆବାସ ପାଇଁ

ଆବେଦନ କରିଛନ୍ତି । ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମୀଣ ଉନ୍ନୟନ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

## ଆରମ୍ଭ ହେବ 'ଆମ ଓଡ଼ିଶା ନବୀନ ଓଡ଼ିଶା'

ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଅଧୀନରେ ବାକି ପଡିଥିବା ପ୍ରକଳ୍ପଗୁଡ଼ିକ ପୁଣିଥରେ ଆରମ୍ଭ କରାଯିବ ବୋଲି ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି । ବିଧାନସଭା ପ୍ରଶ୍ନକାଳରେ ଆଜି ଏହି ପ୍ରସଙ୍ଗରେ ଉତ୍ତର ରଖି ସେ କହିଛନ୍ତି, ଏହି ଯୋଜନାରେ ୩ ହଜାର ୪୫୭ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିଲା । ତେବେ ଏପର୍ଯ୍ୟନ୍ତ ମାତ୍ର ୩୦ ରୁ ୪୦ ପ୍ରତିଶତ କାମ ହୋଇଛି । ବ୍ଲକ୍ ଏବଂ ପଞ୍ଚାୟତସ୍ତରରେ ହୋଇଥିବା କାର୍ଯ୍ୟଗୁଡ଼ିକର ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତଥ୍ୟ ହାସଲ ପରେ ହୋଇଥିବା କାମର  ଅର୍ଥ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

## ବନ୍ୟଜନ୍ତୁଙ୍କ ଆକ୍ରମଣରେ ମୃତ୍ୟୁ

ରାଜ୍ୟର ବିଭିନ୍ନ ବନଖଣ୍ଡରେ ଚଳିତବର୍ଷ ବନ୍ୟଜନ୍ତୁଙ୍କ ଆକ୍ରମଣରେ ୬୮ ଜଣଙ୍କର ମୃତ୍ୟୁ ହୋଇଛି । ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଧାନସଭାରେ ଆଜି ଏହି ସୂଚନା ଦେଇ କହିଛନ୍ତି, ୧ ହଜାର ୮୭ଟି ବାସଗୃହ ନଷ୍ଟ ହେବା ସହ ୨ ହଜାର ୩୧୫ ଏକରରୁ ଅଧିକ

ଜମିରେ ଫସଲ ହାନୀ ଘଟିଛି। କ୍ଷୟକ୍ଷତି ବାବଦରେ ସରକାର ୪ କୋଟି ୧୯ ଲକ୍ଷ ୯୫ ହଜାର ଟଙ୍କା ପ୍ରଦାନ କରିଛନ୍ତି।  ତେବେ ଜଙ୍ଗଲ ନିକଟବର୍ତ୍ତୀ ଜନବସତିଗୁଡ଼ିକୁ ହାତୀ ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଉପଦ୍ରବରୁ ରକ୍ଷା କରିବା ଲାଗି ସରକାର କୃତ୍ରିମ ବୁଦ୍ଧିମତ୍ତାର ସହାୟତା ନେଉଛନ୍ତି ବୋଲି ସେ କହିଛନ୍ତି। ଚନ୍ଦକା ବନଖଣ୍ଡର ଭରତପୁର, ଢେଙ୍କାନାଳର ହିନ୍ଦୋଳ ଏବଂ ଅନୁଗୁଳର ବନ୍ତଳାଠାରେ ଇ-ସର୍ଭେଲାନ୍ସ ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି।

## ବି.ଜେ.ପି. ସଦସ୍ୟତା ଅଭିଯାନ

ରାଜ୍ୟରେ ଆଜିଠାରୁ ବିଜେପିର ସଦସ୍ୟତା ଅଭିଯାନ ଆରମ୍ଭ ହେଉଛି । ଏହି ଅଭିଯାନରେ ନୂତନ ସଭ୍ୟ ସଂଗ୍ରହ ସହିତ ସଦସ୍ୟମାନଙ୍କର ମଧ୍ୟ ପୁନଃନବୀକରଣ କାର୍ଯ୍ୟର  ବ୍ୟବସ୍ଥା କରାଯାଇଛି ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ରାଜ୍ୟରେ ଦଳର ପ୍ରାୟ ୪୨ ଲକ୍ଷ ସଦସ୍ୟ ରହିଛନ୍ତି । ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ଚଳିତମାସ ୨୫ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଟୋବର ମାସ ୨ତାରିଖରୁ ୧୫ ତାରିଖ ମଧ୍ୟରେ ସଦସ୍ୟତା ଅଭିଯାନ ଚାଲିବ ବୋଲି ଦଳର ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

## ଏକ୍ ପେଡ୍ ମା’ କେ ନାମ୍

ଏକ୍ ପେଡ୍ ମା’ କେ ନାମ୍ ଅଭିଯାନ ଅଧିନରେ ଦେଶବ୍ୟାପୀ ଏପର୍ଯ୍ୟନ୍ତ ୫୨ କୋଟି ଚାରାରୋପଣ କରାଯାଇଛି ବୋଲି କେନ୍ଦ୍ର ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ବିଶ୍ୱ ପରିବେଶ ଦିବସ ଅବସରରେ ଗତ ଜୁନ୍ ମାସ ୫ ତାରିଖରେ ‘ଏକ୍ ପେଡ୍ ମା’ କେ ନାମ୍’ ଅଭିଯାନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ପ୍ରକୃତିର ସୁରକ୍ଷା ଏବଂ ନିରନ୍ତର ବିକାଶ ପାଇଁ ଚାରାରୋପଣ କରିବାକୁ ଆହ୍ୱାନ ଦେଇଥିଲେ ।

## ବାର୍ଡ ଫ୍ଲୁ

ରାଜ୍ୟରେ ବାର୍ଡ ଫ୍ଲୁ ନିୟନ୍ତ୍ରଣ ଏବଂ ନିରାକରଣ ଲାଗି ସବୁ ପ୍ରକାର ସହାୟତା ପ୍ରଦାନ କରିବାକୁ  କେନ୍ଦ୍ର ପଶୁପାଳନ ଓ ଦୁଗ୍ଧ ବିଭାଗ ପ୍ରତିଶ୍ରୁତି ଦେଇଛି । ବିଭାଗୀୟ ସଚିବ ଅଲକା ଉପାଧ୍ୟାୟ କହିଛନ୍ତି, ଆସନ୍ତାକାଲିଠାରୁ ଦୁଇଦିନ ପାଇଁ ଏକ କେନ୍ଦ୍ରୀୟ ଦଳ ସ୍ଥିତି ଯାଞ୍ଚ ପାଇଁ ଓଡ଼ିଶା ଗସ୍ତ କରିବେ । ପୁରୀ ଜିଲ୍ଲାର ପିପିଲି, ସତ୍ୟବାଦୀ, ନିମାପଡା ଏବଂ ଡେଲାଙ୍ଗ ବ୍ଲକ୍‌ର ୪ଟି ଗ୍ରାମରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିବା ଜଣାପଡିଛି । ସେହି ସବୁ ଅଞ୍ଚଳରେ କୁକୁଡାମରା ଅଭିଯାନ ଜାରି ରହିଛି । ଗତକାଲି ୧୦

ହଜାର କୁକୁଡାଙ୍କୁ ମାରି ପୋତିଦିଆଯାଇଛି। ଏହାକୁ ମିଶାଇ ଗତକାଲି ସୁଦ୍ଧା ୩୫ ହଜାର ୩୨୯ଟି କୁକୁଡା ମରାଯିବା ସହ ଅଣ୍ଡା ଏବଂ କୁକୁଡା ଦାନକୁ ନଷ୍ଟ କରାଯାଇଛି। କୁକୁଡା ମାରିବା ଏବଂ ଫାର୍ମ ବିଶୋଧନ କାର୍ଯ୍ୟରେ ୫୧ଟି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦଳ ନିୟୋଜିତ ହୋଇଛନ୍ତି।

## ‘ନିନାଦ୍’ର ଆୟୋଜନ

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସାଂସ୍କୃତିକ ସମାରୋହ ‘ନିନାଦ୍’ ଆସନ୍ତା ୫ ତାରିଖରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମାରୋହକୁ ଉଦ୍‌ଘାଟନ କରିବେ। ରାଜ୍ୟସ୍ତରୀୟ ଚୟନ ପ୍ରକ୍ରିୟା ମାଧ୍ୟମରେ ମନୋନିତ ହୋଇଥିବା କଳାକାର ଏହି ସମାରୋହରେ ସଙ୍ଗୀତ ପରିବେଷଣ କରିବେ। କୃତି କଳାକାରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟସୂଚୀ ରହିଛି।

## କ୍ଷେତ୍ର ପରିଦର୍ଶନ

ଓଡ଼ିଶା ରାଜ୍ୟ ଖାଦ୍ୟ ନିଗମ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଦୁଇଦିନିଆ ବଲାଙ୍ଗିର ଗସ୍ତରେ ଯାଇ ବିଭିନ୍ନ ବ୍ଲକ୍ ଅଂଚଳରେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେଠାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସ୍ଥିତି ନେଇ ସମୀକ୍ଷା କରିବା ସହ ସ୍ଥାନୀୟ ହିତାଧିକାରୀଙ୍କ ଆଲୋଚନା କରିଥିଲେ। ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ତାଙ୍କ ସହ ଏହି ଗସ୍ତରେ ଯାଇଥିଲେ।

## ପୁରୀ-ସପ୍ତପୁରୀ ଅମାବାସ୍ୟା

**ପୁରୀ** ଶ୍ରୀମନ୍ଦିରରେ ଆଜି ସପ୍ତପୁରୀ ଅମାବାସ୍ୟା ନୀତି  ଅନୁଷ୍ଠିତ ହେଉଛି । ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ଭାବେ ପାଳନ କରାଯାଇଥାଏ । ଶ୍ରୀଜଗନ୍ନାଥଙ୍କ ଠାରେ ସପ୍ତପୁରୀ ଭୋଗ ଲାଗି ହୋଇଛି। ଏହି ଭୋଗକୁ ମା' ଦକ୍ଷିଣକାଳୀ ମହାପ୍ରଭୁଙ୍କ ନିମନ୍ତେ ପ୍ରସ୍ତୁତ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ଅବକାଶ ନୀତି ପରେ ଠାକୁରଙ୍କୁ ସ୍ୱତନ୍ତ୍ର ବେଶ କରାଯାଇ ସପ୍ତପୁରୀ ଅମାବାସ୍ୟା ନୀତିକାନ୍ତି ଅନୁଷ୍ଠିତ ହୋଇଛି। ସନ୍ଧ୍ୟାଧୂପ ପରେ ଶ୍ରୀଜୀଉଙ୍କର ବସ୍ତ୍ରହରଣ ପ୍ରସ୍ତାବ ସହ ବିଜେ ପ୍ରତିମା ଶ୍ରୀନାରାୟଣ ସାଗର ବିଜେ କରିବେ।

## ରେଡକ୍ରସ ସୋସାଇଟିର ସାଧାରଣ ବୈଠକ

ରେଡ୍‌କ୍ରସର **ନବରଙ୍ଗପୁର** ଜିଲ୍ଲାଶାଖା ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରେଡକ୍ରସର ଆଗାମୀ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଛି। ଗତ ଆର୍ଥିକବର୍ଷରେ ରେଡ୍‌କ୍ରସ ପାଣ୍ଠି ଉପଯୋଗ ସଂକ୍ରାନ୍ତ ତଥ୍ୟ ଅତିରିକ୍ତ ଜିଲ୍ଲାପାଳ ବୈଠକରେ ଉପସ୍ଥାପନ କରିଥିଲେ।

## ଜାତୀୟ ସେବା ଶିବିର

**ବଲାଙ୍ଗିର** ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଆଜି ଉଦ୍‌ଯାପିତ ହୋଇଛି। ସପ୍ତାହେ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଅବସରରେ ମହାବିଦ୍ୟାଳୟ ପରିସର ଏବଂ ଘୁସୁରାମୁଣ୍ଡା ଗ୍ରାମରେ ଚାରାରୋପଣ ସହ ଅନ୍ୟାନ୍ୟ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ସ୍ୱେଚ୍ଛାସେବୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି।

## ଭୋଟର ତାଲିକା ସଂଶୋଧନ

**ନୟାଗଡ଼** ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ନେଇ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବର୍ତ୍ତମାନ ଘରକୁ ଘର ବୁଲି ଏଥିପାଇଁ ତଥ୍ୟ ସଂଗ୍ରହ କରାଯାଉଛି ବୋଲି ବୈଠକରେ ଜିଲ୍ଲାପାଳ ସୂଚନା ଦେଇଥିଲେ। ବିଭିନ୍ନ ରାଜନୈତିକ ଦଳ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଏଥିପାଇଁ ବୁଥସ୍ତରୀୟ ଅଧିକାରୀଙ୍କୁ ସହଯୋଗ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଭୋଟର ତାଲିକା ସଂଶୋଧନ ପାଇଁ ଆସନ୍ତା ନଭେମ୍ବର ମାସ ୨, ୧୦, ୧୬ ଏବଂ ୨୪ ତାରିଖରେ ଚାରୋଟି ସ୍ୱତନ୍ତ୍ର ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ପାଣିପାଗ

ବଙ୍ଗୋପସାଗରରେ ଆସନ୍ତା ଗୁରୁବାର ଦିନ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ଦକ୍ଷିଣ, ଉପକୂଳ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷାର ପରିମାଣ ବୃଦ୍ଧି ପାଇବ । କୋହଲା ପବନ ଏବଂ ବଜ୍ରପାତ ନେଇ ଆସନ୍ତା ୨୪ ଘଣ୍ଟା ପାଇଁ ୧୪ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ହାଟଡିହିଠାରେ ସର୍ବାଧିକ ୭୦ ଦଶମିକ ୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

*********************************